# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30th May – 2026

************************************

## ମୁଖ୍ୟ ସମ୍ବାଦ

- ମନ୍ କୀ ବାତ୍‌ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ଅୟୁଷ୍ମାନ ଭାରତ ଯୋଜନାରେ ଭର୍ତ୍ତି ହେବାର ୩ ଦିନ ପୂର୍ବରୁ ରୋଗୀଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପ୍ରଦାନ କରିବେ ରାଜ୍ୟ ସରକାର ।

- ସମ୍ବଲପୁର ଜିଲ୍ଲାର ଶୀତଳଷଷ୍ଠୀ ପର୍ବ ପାଳନପାଇଁ ୧ କୋଟି ୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ।

ଏବଂ

- ଛତିଶା ନିଯୋଗ ଓ ନୀତି ସବ୍-କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ପୁରୀଠାରେ ହେବ ଅନୁଷ୍ଠିତ ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । କାର୍ଯ୍ୟକ୍ରମର ଏହା ହେବ ୧୩୪ତମ ସଂସ୍କରଣ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରିତ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

***HS***

# ଆୟୁଷ୍ମାନ ଯୋଜନା

ଭୁବନେଶ୍ୱର ଲୋକସେବା ଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟକାର୍ଡ଼ର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟର ପ୍ରମୁଖ ବେସରକାରୀ ହସ୍ପିଟାଲ୍‌ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ହିତାଧିକାରୀଙ୍କ ପାଇଁ ବିଭିନ୍ନ ସୁବିଧା ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଯୋଜନାର ହିତାଧିକାରୀମାନଙ୍କପାଇଁ ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣପାଇଁ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି । ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେବାର ୩ ଦିନ ପୂର୍ବରୁ ସମସ୍ତ ପ୍ରକାର ପରୀକ୍ଷାକୁ ଆୟୁଷ୍ମାନ ଭାରତ ଯୋଜନାର ପ୍ୟାକେଜ୍ ମାଧ୍ୟମରେ ନିଃଶୁଳ୍କ ବ୍ୟବସ୍ଥା କରିବା ଏବଂ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାପାଇଁ ମନ୍ତ୍ରୀ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***Voice (Mahaling)*** *:..........*

ବୈଠକରେ ସ୍ୱାସ୍ଥ୍ୟବିଭାଗ ସଚିବ ଅଶ୍ୱତୀ ଏସ୍., ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ ବେସରକାରୀ ହସ୍ପିଟାଲ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

***Desk***

## ଶୀତଳଷଷ୍ଠୀ - ଅନୁଦାନ

ସମ୍ବଲପୁର ଜିଲ୍ଲାର ଶୀତଳଷଷ୍ଠୀ ପର୍ବ ପାଳନପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ ଲକ୍ଷ ଟଙ୍କାର ଆର୍ଥିକ

ଅନୁଦାନ ରାଶି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜିଲ୍ଲାର ୨୧ଟି କମିଟିକୁ ଏହି ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ସ୍ୱାଗତ କରିବା ସହିତ ଓଡ଼ିଶାର ପର୍ବପର୍ବାଣି ଓ ଜାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବ ବୋଲି କହିଛନ୍ତି ।

***Desk***

# ଚୌହାନ - କ୍ଷେତ ବଚାଓ

କ୍ଷେତ ବଚାଓ ପଦକ୍ଷେପକୁ ଦେଶବ୍ୟାପୀ ଏକ ଜାତୀୟ ଅଭିଯାନରେ ପରିଣତ କରିବା ଉପରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ କ୍ଷେତ ବଚାଓ ଅଭିଯାନର ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଚୌହାନ ଅଭିଯାନକୁ କୃଷିଜୀବୀ, କୃଷିକ୍ଷେତ୍ର ଏବଂ ଗ୍ରାମାଞ୍ଚଳ ସମନ୍ୱୟ କ୍ଷେତ୍ରରେ ଅଧିକ ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି । ସାରର ସନ୍ତୁଳିତ ବ୍ୟବହାର, ପାଣିପାଗ, ସମ୍ବନ୍ଧୀୟ ଆହ୍ୱାନକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ସମୟୋଚିତ ପରାମର୍ଶ, ପଞ୍ଚାୟତ ସ୍ତରରେ ସକ୍ରିୟ ଅଂଶଗ୍ରହଣ ଏବଂ ଯୋଜନାର ସୁଫଳ ସିଧାସଳଖ ଗ୍ରାମାଞ୍ଚଳରେ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ଏହିସବୁ କ୍ଷେତ୍ରଗୁଡ଼ିକ

ଉପରେ ପ୍ରାଥମିକତା ପ୍ରଦାନ କରିବାକୁ ଶ୍ରୀ ଚୌହାନ କୃଷି ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅଭିଯାନ ଆସନ୍ତା ସୋମବାରଠାରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯିବ ।

***Desk***

## ରେଳଷ୍ଟେସନ୍ ସମୀକ୍ଷା

ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ ଆଜି ଖୋର୍ଦ୍ଧା ରେଳଷ୍ଟେସନ୍‌ରେ ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଯାତ୍ରୀଙ୍କ ସୁବିଧା ସୁଯୋଗ, ଷ୍ଟେସନ୍ ପରିସର ସ୍ୱଚ୍ଛତା, ଯାତ୍ରୀ ପ୍ରେକ୍ଷାଳୟ, ବୁକିଂ କାର୍ଯ୍ୟାଳୟ, ଫୁଟ୍ ଓଭରବ୍ରିଜ୍, କ୍ୟାଟରିଂ ୟୁନିଟ୍ ଆଦି ଶ୍ରୀ ଫୁଙ୍କ୍‌ୱାଲ୍ ବୁଲି ଦେଖିବା ସହିତ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତ୍ତା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସୁରକ୍ଷିତ, ଦକ୍ଷ ଏବଂ ଆରାମଦାୟକ ରେଳସେବା ନିଶ୍ଚିତ କରିବାପାଇଁ ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସୁବିଧାଗୁଡ଼ିକର ନିରନ୍ତର ଅନୁଧ୍ୟାନ ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ ।

*Puri/R*

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍-କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ନୀଳାଦ୍ରି ଭକ୍ତ ନିବାସଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ହେବ । ଅପରାହ୍ଣରେ ପ୍ରଥମେ ଛତିଶା ନିଯୋଗ ଓ ପରେ ସନ୍ଧ୍ୟାରେ ନୀତି ସବ୍-କମିଟି ବୈଠକ କରାଯିବ । ବୈଠକରେ ଆଗାମୀ ରାଜେନ୍ଦ୍ରାଭିଷେକ, ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ନୀଳାଦ୍ରି ବିଜେ ଓ ଅନ୍ୟ ସମସ୍ତ ନୀତି ନିର୍ଘଣ୍ଟ ଉପରେ ଆଲୋଚନା ଓ ଅନୁମୋଦନ କରାଯିବ । ଜଳଲାଗିପାଇଁ ଗରାବଡୁ ସେବକଙ୍କୁ ପାଳିଆ ପୁରସ୍କାର ପ୍ରଦାନ ଓ ଗୌଡ଼ୀୟ ମଠକୁ ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ ବେଢ଼ା ମାର୍ଜନା ପାଇଁ ଅନୁମତି ଉପରେ ମଧ୍ୟ ଆଲୋଚନା ହେବ । ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ, ବିଭିନ୍ନ ଅଧିକାରୀ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହିବେ ।

*Desk, Cuttack, Deogarh, Ganjam/R*

# ଏସ୍.ଆଇ.ଆର୍.

ରାଜ୍ୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆର.ଆର୍. ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି ।

କଟକ ଜିଲ୍ଲାରେ ବୁଥ୍‌ସ୍ତରୀୟ ଅଧିକାରୀ-ବି.ଏଲ୍.ଓ.ମାନେ ଜିଲ୍ଲାର ୯ଟି ବିଧାନସଭା ମଣ୍ଡଳୀରେ ଘରକୁ ଘର ଯାଇ ଭୋଟର୍‌ମାନଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ୍ କାର୍ଯ୍ୟ ଆରମ୍ଭ କରିଛନ୍ତି । ବୁଥ୍‌ସ୍ତରୀୟ ଅଧିକାରୀମାନେ ପ୍ରତ୍ୟେକ ଭୋଟର୍‌ଙ୍କୁ ଦୁଇଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରିଛନ୍ତି । ଗୋଟିଏ ଫର୍ମକୁ ଅଧିକାରୀମାନେ ନିଜ ପାଖରେ ରଖୁଥିବାବେଳେ ଅନ୍ୟଟିକୁ ଭୋଟର୍‌ମାନଙ୍କୁ ପ୍ରଦାନ କରୁଛନ୍ତି । ଜନସାଧାରଣଙ୍କ ସହାୟତା ନିମନ୍ତେ ୧ ୯ ୫ ୦ ନିଃଶୁଳ୍କ ନିର୍ବାଚନ ସହାୟତା ନମ୍ବର ଜାରି କରାଯାଇଛି ।

ଦେବଗଡ଼ ଜିଲ୍ଲାର ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏସ୍.ଆଇ.ଆର୍. ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୋଗ୍ୟ ମତଦାତାମାନଙ୍କ ନାମକୁ ଭୋଟର୍ ତାଲିକାରେ ପଞ୍ଜିକୃତ କରିବା ଏବଂ ଅନଧିକାର ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମକୁ ତାଲିକାରୁ ବାଦ୍ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି ।

ଗଞ୍ଜାମ ଜିଲ୍ଲାରେ ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ଅଧୀନରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଲୋଚାପଡ଼ା ବୁଥ୍ ପରିଦର୍ଶନ କରି ଭୋଟର୍‌ମାନଙ୍କୁ ଫର୍ମ ବଣ୍ଟନ କାର୍ଯ୍ୟର ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ବି.ଏଲ୍.ଓ. ମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ପରିଗଣନା ଫର୍ମ ଦେବା ସହ ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ ।

***BBSR/R***

# କ୍ୟାମ୍ପକୋର୍ଟ

ନାଗରିକକୈନ୍ଦ୍ରିକ ଓ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱରଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଯାଇଛି । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଭୁବନେଶ୍ୱର ମହାନଗର ନିଗମ ସହିତ ଜଡ଼ିତ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆବେଦନର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ । କ୍ୟାମ୍ପକୋର୍ଟରେ ୧୪୨ଟି ମାମଲାର ସମାଧାନ କରାଯାଇଥିଲା । ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ-୧୯୮୨ ଅନୁଯାୟୀ ଦାଏର ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

***Nayagarh/R***

# ଚାରାରୋପଣ ସମୀକ୍ଷା

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଧାନ ବନ ସଂରକ୍ଷକ କେ. ମୁରୁଗେସନ୍ ଏବଂ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ଅର୍ଥନାରୀ ନୟାଗଡ଼ ଜିଲ୍ଲା ଗସ୍ତରେ ଯାଇ ଓଡ଼ଗାଁଠାରେ ଚାରାରୋପଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଓଡ଼ଗାଁ ସେକ୍ସନର ମଠ

ଖଜୁରିଆ ଓ କୁମ୍ଭିଆପଲ୍ଲୀ ସହରାଞ୍ଚଳର ଚାରାରୋପଣ କାର୍ଯ୍ୟ ସହ ନାଉଖାଲ ଏବଂ ବାହାଡ଼ଝୋଲା ସେକ୍ସନର କେତେକ ଗ୍ରାମାଞ୍ଚଳର ଚାରାରୋପଣ ପ୍ରକଳ୍ପ ମଧ୍ୟ ଏହି ଦୁଇ ଅଧିକାରୀ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Nayagarh/R***

## ଶିଳାନ୍ୟାସ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସହରାଞ୍ଚଳର ସାମଗ୍ରିକ ବିକାଶ ଓ ସାଂସ୍କୃତିକ ସ୍ଥଳୀଗୁଡ଼ିକର ଉନ୍ନତୀକରଣପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସହରର ବିଭିନ୍ନ ୱାର୍ଡ଼ରେ ୧୧ଟି ଜନକଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

***Deogarh/R***

## ନିଶାମୁକ୍ତ ଅଭିଯାନ

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନିଶାମୁକ୍ତ ଅଭିଯାନ

ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହିତ ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ନିମନ୍ତେ ଅଭିଯାନରେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୁଣ୍ଡିଆପାଲି ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ୱାର୍ଡ଼ମେମ୍ବର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନିଶା ନିବାରଣ ଉପରେ ଶପଥପାଠ କରାଯାଇଥିଲା ।

***Nuapada/R***

# ବିପର୍ଯ୍ୟୟ ପରିଚାଳନା କମିଟି

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହରେ  ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବର୍ଷାଋତୁରେ ସମ୍ଭାବ୍ୟ ବନ୍ୟା ଓ ଅନ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବନ୍ୟା ନିୟନ୍ତ୍ରଣ କକ୍ଷଗୁଡ଼ିକୁ ଆସନ୍ତା ମାସ ପହିଲାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରଖିବାପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

***Malkangiri/R***

# ଆନ୍ତଃଜିଲ୍ଲା ଫୁଟ୍‌ବଲ୍

ମାଲକାନଗିରି ଜିଲ୍ଲାରେ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଉଭୟ ବାଳକ ଓ ବାଳିକା ବର୍ଗର ୩୫ ଜଣ କ୍ରୀଡ଼ାବିତ୍ ଆଜି ବ୍ରହ୍ମପୁର ଯାତ୍ରା କରିଛନ୍ତି । ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ମୋଟ୍ ୮ଟି ଜିଲ୍ଲାର କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିବେ । ଏହି ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ଆସନ୍ତାମାସ ପହିଲାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମାଲକାନଗିରି ଦଳ ଆସନ୍ତା ୧ ତାରିଖରେ ଗଞ୍ଜାମ ଦଳକୁ ଭେଟିବାକୁ ଥିବାବେଳେ ୩ ତାରିଖରେ ନବରଙ୍ଗପୁର ଓ ୫ ତାରିଖରେ କୋରାପୁଟ ଦଳ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ୭ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

******